ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ସୁକାନ୍ତ ପଟ୍ଟନାୟକ ପଟ୍ଟାଙ୍ଗି ବିଡିଓ

ପଟ୍ଟାଙ୍ଗି,୩।୩(ଡି.ଏନ୍.ଏ.)-ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାଜ୍ୟର ବିଭିନ୍ନ ବ୍ଲକରେ ବିଡିଓ ରୂପେ କାର୍ଯ୍ୟ କରୁଥିବା ୨୨ ଜଣ ବିଡିଓଙ୍କୁ ବଦଳି କରାଯାଇଛି। ଏହି କ୍ରମରେ ପଟ୍ଟାଙ୍ଗି ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ କୋରାପୁଟ ପିଏ ଆଇଟିଡିଏ ରୂପେ ବଦଳି ହୋଇଛି। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ାରେ କାର୍ଯ୍ୟରତ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପଟ୍ଟାଙ୍ଗି ବିଡିଓ ରୂପେ ବଦଳି ହୋଇଛି। ସୂଚନାଯୋଗ୍ୟ, କୋରାପୁଟ ବଦଳି ହୋଇଥିବା ବିଡିଓ ମିଶ୍ର ନିଜ ବ୍ୟବହାର ଓ କାର୍ଯ୍ୟକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଥିଲେ। ନିର୍ବାଚିତ ପଞ୍ଚାୟତ ଜନ ପ୍ରତିନିଧିଙ୍କୁ କଟୁ ମନ୍ତବ୍ୟ ଦେଇ କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ବୋଲି ଅଭିଯୋଗ ହେଉଥିଲା। ଏନେଇ ରାଜ୍ୟ ସରକାର ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

### ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବରେ ଶିଶୁଙ୍କ ସ୍କ୍ରିନିଂ

ଚିତ୍ରକୋଣ୍ଡା,୩।୩(ଡି.ଏନ୍.ଏ.)-ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ଚିତ୍ରକୋଣ୍ଡା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ଶିଶୁମାନଙ୍କର ପୁଷ୍ଟିହୀନତା ସମ୍ବନ୍ଧୀୟ ସ୍କ୍ରିନିଂ କରାଯାଇଛି। ଏହି ଶିବିରରେ ଚିତ୍ରକୋଣ୍ଡା ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଏ.ଅନ୍ନପୂର୍ଣ୍ଣା ଅଧକ୍ଷତା କରିଥିଲେ। ଯୋଡ଼ାମ୍ବ ପଞ୍ଚାୟତର ଯୋଡ଼ାମ୍ବ, ଦାରାଲାବେଢ଼ା ଓ ଜନ୍ତୁରାଇ ଗ୍ରାମର ପ୍ରାୟ ଶତାଧିକ ମହିଳାଙ୍କ ସମେତ ସେମାନଙ୍କ ଶିଶୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କ ଶିଶୁମାନଙ୍କର ଓଜନ ଓ ଉଚ୍ଚତା ମାପ କରାଯାଇଥିଲା । ଅଙ୍ଗନୱାଡି କର୍ମଚାରୀମାନଙ୍କ ସହ ସୁପରଭାଇଜର ରଞ୍ଜିତା ପୂଜାରୀ, ଭାନୁମତି ଭତ୍ରା, ଆଦି ଲକ୍ଷ୍ମୀ, ଚମ୍ପା ନାୟକ ଓ ଗାଙ୍ଗୀ ଶ୍ରୀଗମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗିତା

ମାଲକାନଗିରି,୩।୩(ଡି.ଏନ୍.ଏ.)-ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ମାଲ୍ୟବନ୍ତ ଛାତ୍ରାବାସରେ ଜିଲ୍ଲାସ୍ତରୀୟ ଜନଜାତି ପାରମ୍ପରିକ ଚିତ୍ରକଳା ପ୍ରତିଯୋଗିତା-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାକୁ ବିଭାଗ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନେକ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଡିଆଇ ତ୍ରିଲୋଚନ ଦାସ, ଏଡିଡବ୍ଲ୍ୟୁଓ ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ଡବ୍ଲ୍ୟୁଇଓ ପ୍ରଶାନ୍ତ ବାଉରୀ, ଚିତ୍ରକର କେ. ଦେଶୀରଜୁ ଆଚାରୀ, ସୁଭାଷ ସୋଡ଼ି ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜୁ ଶ୍ରମିକ ସାମ୍ମୁଖ୍ୟର ଜୋନ୍ ସ୍ତରୀୟ ବୈଠକ

ସେମିଲିଗୁଡ଼ା/ଜୟପୁର,୩।୩(ସ୍ୱ.ପ୍ର./ନି.ପ୍ର.)- ସେମିଲିଗୁଡ଼ାରେ ଅଲ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ଏକ ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦପୁର, ପଟ୍ଟାଙ୍ଗି,ସେମିଲିଗୁଡ଼ା, ସୁନାବେଡ଼ା ଏନ୍‌ଏସି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ଅତିଥି ରୂପେ ଅଲ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ଅବିଭକ୍ତ କୋରାପୁଟ ଜିଲ୍ଲା ସଂଯୋଜିକା ଝୁନୁ ମହାନ୍ତି, ଜୋନାଲ ଯୁଗ୍ମ ସଂଯୋଜକ ପୁରେନ୍ଦ୍ର ବାରିକ, ଲୀଳାବତୀ ବାରିକ, ନିରୁପମା ସମଲ, ସୌଦାମିନୀ ସୂତାର, ସେମିଲିଗୁଡ଼ାର ପ୍ରଭାତୀ ସାହୁ, ରେଣୁବାଳା ପଟ୍ଟନାୟକ ନମିତାବାଳା ପାତ୍ର ଉପସ୍ଥିତ ଥିଲେ। ଅଙ୍ଗନୱାଡି ଏକ କେନ୍ଦ୍ରୀୟ ଯୋଜନା ହୋଇଥିବା ବେଳେ କେନ୍ଦ୍ରୀୟ ବଜେଟରେ ଅଙ୍ଗନୱାଡି କର୍ମୀମାନଙ୍କ ପ୍ରତି କିଛି ଘୋଷଣା ନ କରିବା ସେମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ଅତିଥି, କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବା କ୍ଷେତ୍ରରେ ଅଙ୍ଗନୱାଡି କର୍ମୀଙ୍କ ଗୁରୁଦାୟିତ୍ୱ ରହିଥିବାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ ସେମାନଙ୍କ କଥା ଚିନ୍ତା କରିବା ଆବଶ୍ୟକ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଜୟପୁରଠାରେ ମଧ୍ୟ ଅଲ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜୋନ୍‌ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବୈପାରିଗୁଡ଼ା, କୁନ୍ଦୁରା, ଲମତାପୁଟ ଜୟପୁର ବ୍ଲକ ଏବଂ ଜୟପୁର ନଗର ସମୂହର ମୁଖ୍ୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଏଥିରେ ଜୋନାଲ ସଭାପତି ତଥା ସଂଯୋଜକ ନିରଞ୍ଜନ ପାତ୍ର , ଜିଲ୍ଲା ସଭାପତି ବାଲା ରାୟ, ଅବିଭକ୍ତ କୋରାପୁଟ ଜିଲ୍ଲା ସଂଯୋଜିକା ଝୁନୁ ମହାନ୍ତି, ଜୟପୁର ବ୍ଲକ ସଭାନେତ୍ରୀ ଗୀତା ସାମନ୍ତରାୟ, ସମ୍ପାଦିକା ଜ୍ୟୋତିର୍ମୟ, ନଳିନୀ ଜେନାମଣି, ବିଜୟଲକ୍ଷ୍ମୀ ନାୟକ, କଳ୍ପନା ମିଶ୍ର ଉପସ୍ଥିତ ଥିଲେ।

# ବିଜ୍ଞାନ ଏକ ବିଷୟ ନୁହେଁ, ଏହା ଏକ ଦୃଷ୍ଟିଭଙ୍ଗୀ

କୋରାପୁଟ,୩।୩(ସ୍ୱ.ପ୍ର.)



ଜାତୀୟ ବିଜ୍ଞାନ ଦିବସ ଅବସରରେ ଛାତ୍ରୀମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।

ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ପାଇଁ ଉଦ୍ୟମ ଚାଲିଛି ବୋଲି କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସରେ ଅତିଥିଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ବୈଜ୍ଞାନିକ ଚେତନାକୁ ପ୍ରୋତ୍ସାହିତ କରିବା ପାଇଁ ସଭା ସମିତି, ପ୍ରଦର୍ଶନୀ ଓ କର୍ମଶାଳା ଇତିମଧ୍ୟରେ ଆୟୋଜିତ ହୋଇଯାଇଛି । ବିଜ୍ଞାନ କେବଳ ଏକ ବିଷୟ ନୁହେଁ ଏହା ଏକ ଦୃଷ୍ଟଭଙ୍ଗୀ। ଅନ୍ୟ ସମସ୍ତ ବିଷୟକୁ ପଢ଼ି ଠିକ୍ ଭାବେ ବୁଝିବାର ମାଧ୍ୟମ ବିଜ୍ଞାନ ବୋଲି ଜାନି ପ୍ରକାଶ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ବିଜ୍ଞାନାଗାର ପ୍ରତିଷ୍ଠାକରି ବିଭିନ୍ନ ଶିକ୍ଷଣୀୟ ଉପକରଣ ଯୋଗାଇ ଦେଉଛନ୍ତି। ମଣିଷ କଙ୍କାଳର ନମୁନାଠାରୁ ଆରମ୍ଭକରି ପର୍ଯ୍ୟାୟ ସାରଣୀର ବିଶାଳ ପ୍ରଦର୍ଶନୀ ପର୍ଯ୍ୟନ୍ତ ବିଭିନ୍ନ

### କୋରାପୁଟରେ ଜାତୀୟ ବିଜ୍ଞାନ ଦିବସ

ବିଜ୍ଞାନ ଶିକ୍ଷା ଉପଯୋଗୀ ଉପକରଣ ଛାତ୍ରୀଛାତ୍ରମାନେ ପାଇ ବାସ୍ତବ ଶିକ୍ଷାର ଅନୁଭୂତି ପାଇପାରୁଥିବା ଅନ୍ୟତମ ଅତିଥି ମହାଦେଇପୁଟ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ରଥ କହିଥିଲେ। ବିଦ୍ୟାଳୟ ମଧ୍ୟରେ ବିଭିନ୍ନ ବୈଜ୍ଞାନିକ ଉପକରଣକୁ ନେଇ ଶିକ୍ଷକମାନଙ୍କ ସହଯୋଗରେ ଅଭ୍ୟାସ କରୁଥିବାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରଦର୍ଶନୀରେ ଭାଗନେଇ ଆମେ ସଫଳତା ପାଇପାରୁଛୁ ବୋଲି କେତେଜଣ ଛାତ୍ରୀଛାତ୍ର ନିଜ ଅନୁଭୂତି ପ୍ରକାଶ ଅବସରରେ ପ୍ରକାଶ କରିଥିଲେ।

# କୁପୋଷଣ ଦୂରନେଇ ପ୍ରତି ଗ୍ରାମ ବୁଲିବ ସଚେତନତା ରଥ

ମାଲକାନଗିରି,୩।୩(ଡି.ଏନ୍.ଏ.)

ଆମ ଦେଶ ଓ ରାଜ୍ୟରେ ପୁଷ୍ଟିହୀନତା ଯୋଗୁଁ ଅନେକ ଶିଶୁ ବୟସ୍କ ବ୍ୟକ୍ତି ମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହି ପୁଷ୍ଟିହୀନତାକୁ ଦୂର କରିବା ପାଇଁ ଫର୍ଟିଫାଏଡ ଚାଉଳ ବ୍ୟବହାର ପାଇଁ ଗତବର୍ଷଠାରୁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ସଚେତନତା ଆରମ୍ଭ କରିଥିଲେ। ଏହି ଚାଉଳ ସମ୍ପର୍କରେ ଅଧିକ ଜାଣିବା ଏବଂ ବ୍ୟବହାର ପ୍ରଣାଳୀ ସମ୍ପର୍କରେ ଜଣାଇବା ଲାଗି ଶୁକ୍ରବାର ଏକ ସଚେତନତା ରଥକୁ ଜିଲ୍ଲାପାଳ ବିଶାଳ ସିଂ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଅଜୟ ରଥ, ବିଶ୍ୱ ଖାଦ୍ୟ ସଂସ୍ଥାର ବରିଷ୍ଠ ରାଜ୍ୟ ପ୍ରୋଗ୍ରାମ ଅଧିକାରୀ ମୋନା ଜେଠୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ, ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନ ରଥ ଜିଲ୍ଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଗ୍ରାମ ବୁଲି ଖାଉଟିମାନଙ୍କୁ ଏହି ଚାଉଳରେ କିପରି ପୋଷକ ତତ୍ତ୍ୱ ଥାଏ, କୁପୋଷଣ ଦୂର ପାଇଁ ଜରୁରୀ ସେନେଇ ସଚେତନ କରାଇବ।



ସଚେତନତା ରଥକୁ ଜିଲ୍ଲାପାଳ ଉଦ୍‌ଘାଟନ କରୁଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରକ୍ତଭଣ୍ଡାର ସ୍ଥାନାନ୍ତର ପାଇଁ ପ୍ରେସ୍ କ୍ଲବର ଦାବି

ଜୟପୁର, ୩।୩ (ନି.ପ୍ର.)

ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୋରାପୁଟରୁ ଜୟପୁରକୁ ଆସିବା ଏବଂ ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର ହେବା ୫ବର୍ଷ ବିତିଗଲାଣି। ୫ବର୍ଷ ପରେ ମଧ୍ୟ ଏଯାଏ ଉପଖଣ୍ଡ ଚିକିତ୍ସାଳୟର ପୁରୁଣା କୋଠାରୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ରକ୍ତଭଣ୍ଡାର ସ୍ଥାନାନ୍ତର ହୋଇପାରିନି । ଜିଲ୍ଲା ମୁଖ୍ୟଚିକିତ୍ସାଳୟଠାରୁ ରକ୍ତଭଣ୍ଡାର ୫ କିଲୋମିଟର ଦୂରରେ ରହିଛି। ଫଳରେ ରକ୍ତଦାନ ଓ ରିପୋର୍ଟ ସଂଗ୍ରହରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ରକ୍ତଭଣ୍ଡାରକୁ ଜୟପୁର ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସରକୁ ସ୍ଥାନାନ୍ତର କରିବାକୁ ଜୟପୁର ପ୍ରେସ୍ କ୍ଲବ ଦାବି କରିଛି। ପ୍ରେସକ୍ଲବ ସଭାପତି ପବନ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ସୁରେଶ ନାଇଡୁ, କୋଷାଧ୍ୟକ୍ଷ ତରୁଣ ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ସତ୍ୟନାରାୟଣ ପଟ୍ଟନାୟକ, ସହସମ୍ପାଦକ ପଦ୍ମନାଭ ହୋତା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମେଡିକାଲ ଅଧିକାରୀ ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଶୁକ୍ରବାର ଏକ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଡ.ମିଶ୍ର, ଡାକ୍ତରଖାନା ପରିଚାଳିକା ରୁପସୀ ମଧୁମିତା ନାୟକ, ରାଜା ପ୍ରଧାନ, ଜଗନ୍ନାଥ ଆଚାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଏଦିଗରେ କିଭଳି ବ୍ୟବସ୍ଥା ହୋଇ ପାରିବ ସେ ନେଇ ସେ ପ୍ରୟାସ କରିବେ ବୋଲି ଡିଏମଓ ପ୍ରତିଶ୍ରୁତି ଦେଇଥିଲେ।



ପ୍ରେସ୍‌କ୍ଲବ କର୍ମକର୍ତ୍ତାମାନେ ଜିଲ୍ଲା ମେଡିକାଲ ଅଧିକାରୀ ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଦାବିପତ୍ର ଦେଉଛନ୍ତି।

## ଚିତ୍ରକୋଣ୍ଡାରେ ହ୍ୟାକଥନ, କୋଡିଂ ପ୍ରଶିକ୍ଷଣ

ଚିତ୍ରକୋଣ୍ଡା,୩।୩ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହ୍ୟାକଥନ ଏବଂ କୋଡିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୬୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୭ରୁ ଆରମ୍ଭ ହୋଇଥିଲା । ପ୍ରଶିକ୍ଷକ ଭାବରେ ସମ୍ବିଦ ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ। କୋଡ଼ିଂ ବିଷୟରେ ମୌଳିକ ଜ୍ଞାନ ବାଣ୍ଟିବା ସହିତ ବର୍ଜ୍ୟରୁ କାର୍ଡ, ପତ୍ରିକା, ସୌଖିନ ଦ୍ରବ୍ୟ ଏବଂ ଆବଶ୍ୟକୀୟ ସାମଗ୍ରୀ ତିଆରି କରିବାର କୌଶଳ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ମିଳିଥାଏ। ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୂତନ ହସ୍ପିଟାଲ ପ୍ରତିଷ୍ଠା ନେଇ ଗ୍ରାମସଭା

ମାଲକାନଗିରି, ୩।୩(ଡି.ଏନ.ଏ.)

ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ପଦିଆପାଲି ଗ୍ରାମରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ ସଭାପତିତ୍ୱ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଖଇରପୁଟ ବ୍ଲକ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ପିଇଓ ରେବତୀ ମାଝୀ, ସହକାରୀ ରାଜସ୍ୱ ନିରୀକ୍ଷକ ତ୍ରିନାଥ ପ୍ରଧାନ, କୁଡୁମୁଲୁଗୁମ୍ମା ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସମସ୍ତ ରାଜସ୍ୱ ଗ୍ରାମର ୱାର୍ଡ ସଭ୍ୟାସଭ୍ୟ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହ ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। ପଦିଆପାଲି ଗ୍ରାମରେ ଏକ ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କଠାରୁ ପ୍ରସ୍ତାବ ଆଗତ ହୋଇଛି। ଏହି ପ୍ରସ୍ତାବ ଗୃହୀତ ଲାଗି ଉକ୍ତ ଗ୍ରାମସଭା ବସିଛି। ପ୍ରସ୍ତାବକୁ ସମସ୍ତେ ସମର୍ଥନ କରି ଗୃହୀତ କରିବାକୁ ସଭାପତି ମଙ୍ଗଳା ମାଢୀ ଅନୁରୋଧ କରିଥିଲେ। ଏହି ଅବସରରେ ଗ୍ରାମବାସୀ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ପିଇଓ ମାଝୀ ଏହାକୁ ରେକର୍ଡଭୁକ୍ତ କରିଥିଲେ। ସୂଚନାଯୋଗ୍ୟ, ନୂତନ ହସ୍ପିଟାଲ ପାଇଁ ଚିହ୍ନଟ ଜାଗା ସମ୍ମୁଖରେ ଥିବା ଜାଗାକୁ ବହୁତ ଜବରଦଖଲକାରୀ ନିଜ କବଜାରେ ରଖିଛନ୍ତି। ଭବିଷ୍ୟତରେ ହସ୍ପିଟାଲ ନିର୍ମାଣ ବେଳେ ସମସ୍ୟା ଉପୁଜିବ। ଏହି ଜାଗାଗୁଡ଼ିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରିବା ଲାଗି ସ୍ଥାନୀୟ ତହସିଲଦାରଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା।

## ଅନ୍ତର୍ଜାତୀୟସ୍ତରୀୟ କ୍ରୀଡାକୁ ୫ ଛାତ୍ରୀଛାତ୍ର ମନୋନୀତ



କୋରୁକୋଣ୍ଡା, ୩/୩(ଡି.ଏନ୍. ଏ)

ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ୧୪ ଏବଂ ୧୭ବର୍ଷରୁ କମ ବାଳିକା ଓ ବାଳକ ବିଭାଗକୁ ନେଇ ପୁରୀ ଜିଲ୍ଲା ସଦର ସ୍କୁଲଠାରେ ରାଜ୍ୟସ୍ତରୀୟ ବ୍ୟାୟମ ବିଦ୍ୟା, କୁସ୍ତି, ଆସ୍ତେଡୁ ଆଖଡା ଗତ ୧ରେ ଅନୁଷ୍ଠିତ ହୋଇଯାଇଥିଲା। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଙ୍ଗଠନ ଏବଂ ଜିଲ୍ଲା କ୍ରୀଡା ସଙ୍ଗଠନ ପୁରୀ ଏହାକୁ ଆୟୋଜନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ। ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୯ ଜଣ ପ୍ରତିଯୋଗୀ ଜିଲ୍ଲା ଆସ୍ତେଡୁ ଆଖେଡା ପ୍ରଶିକ୍ଷକ ଗଙ୍ଗାଧର ବାରିକଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିବା ପାଇଁ ଯାଇଥିଲେ। ଏହି ୯ପ୍ରତିଯୋଗୀଙ୍କ ମଧ୍ୟରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ୍ଭି-୩୪ର ୫ଜଣ ଛାତ୍ରୀଛାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ଏମ୍‌ପିଭି-୬ର ୨ ଜଣ ଛାତ୍ରୀ ଓ ବାଲିମେଲା କେଏମଆରଏସ୍ ବିଦ୍ୟାଳୟରୁ ୨ ଜଣ ଛାତ୍ର ବିଭିନ୍ନ କ୍ରୀଡାରେ ସାମିଲ ହୋଇଥିଲେ। ମାଲକାନଗିରି ଜିଲ୍ଲାର ୪ ଛାତ୍ରୀ ଓ ଜଣେ ଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ଆଗାମୀ ଦିନରେ ହେବାକୁ ଥିବା ଆନ୍ତର୍ଜାତୀୟସ୍ତରୀୟ କ୍ରୀଡାକୁ ସେମାନେ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଏମ୍ଭି-୩୪ରୁ ପୂର୍ଣ୍ଣିମା ମଣ୍ଡଳ, ପ୍ରିୟଙ୍କା ଖରା, ଏମପିଭି-୬ରୁ ଶ୍ରେୟା ମାଡକାମୀ,ଲିପି ପଡିଆମୀ ବାଲିମେଲାରୁ ଦୁର୍ଯ୍ୟୋଧନ ଭୂମିଆ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଜିଲ୍ଲା ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମାଲକାନଗିରି,୩।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ଭାଜପା ତରଫରୁ ମାଲକାନଗିରି ଥାନା ସମ୍ମୁଖରେ କର୍ମକର୍ତ୍ତା ଓ କର୍ମୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରି ଆଇଆଇସି. ରିଗାନ କିଣ୍ଡୋଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭୁବନେଶ୍ୱରଠାରେ ଗତ ୨୮ ତାରିଖ ଦିନ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋୟର ପିଏମଜିଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ପୋଲିସ ବାହିନୀ ଭାଜପା କର୍ମକର୍ତ୍ତା ଏବଂ କର୍ମୀଙ୍କୁ ନିସ୍ତୁକ ମାଡ ମାରିଥିଲା। ସମଗ୍ର ରାଜ୍ୟରେ ଭାଜପା କର୍ମକର୍ତ୍ତାମାନେ ପ୍ରତ୍ୟେକ ଥାନାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରତନ ବଣିକ, ରାଜ୍ୟ ମୋର୍ଚ୍ଚା ସାଧାରଣ ସମ୍ପାଦକ ନରସିଂହ ମାଡକାମି, ମାଲକାନଗିରି ବ୍ଲକ ଉପସଭାପତି ନିରଞ୍ଜନ ହାଲଦାର, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ବିଜୟ ମହାରଣା, ସଞ୍ଜୁ ସରକାର, ଦିପକ ଶାହାଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଶ୍ରୀ ଅଭୟ ଆଞ୍ଜେନେୟଙ୍କ ବାର୍ଷିକ ଉତ୍ସବ



ଶ୍ରୀ ଅଭୟ ଆଞ୍ଜେନେୟଙ୍କ ଉତ୍ସବ ଅବସରରେ ଉପସ୍ଥିତ କର୍ତ୍ତା ଓ ଶ୍ରଦ୍ଧାଳୁ ।

ଦାମନଯୋଡି,୩।୩(ଡି.ଏନ.ଏ.)

ପବିତ୍ର ଫାଲଗୁନ ଶୁକ୍ଳ ଏକାଦଶୀ ଅବସରରେ ନାଲକୋ ଟାଉନଶିପସ୍ଥିତ ଶ୍ରୀ ଅଭୟ ଆଞ୍ଜେନେୟଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳେ ସୂର୍ଯ୍ୟଙ୍କ ପୂଜା ପରେ ଅଷ୍ଟଧାତୁ ମୂର୍ତ୍ତିଙ୍କୁ କ୍ଷୀର, ମହୁ, ପଇଡ଼ ଜଳ, ତୀର୍ଥ ଜଳ, କଦଳୀ, ସିନ୍ଦୁର ଓ ହଳଦୀ ଆଦିରେ ମହାସ୍ନାନ କରାଯାଇ ବେଶ ଅନୁଷ୍ଠିତ ହୋଇଥିଲା। ଘଟ ମଣ୍ଡଳ ପୂଜା, ଶ୍ରୀରାମ ଓ ଶ୍ରୀହନୁମାନଙ୍କ ଷୋଡଶ ଉପଚାର ପୂଜା, ରୁଦ୍ରାଭିଷେକ ଓ ଯଜ୍ଞ ହୋଇଥିଲା। ପଣ୍ଡିତ ବିନୟ ମିଶ୍ର, ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ପଣ୍ଡିତ ନରେନ୍ଦ୍ର ନାଥ ପତି, ପଣ୍ଡିତ ଶ୍ରୀଧର ଦାଶ ଓ ପଣ୍ଡିତ ଶ୍ରୀକାନ୍ତ ତ୍ରିପାଠୀଙ୍କ ସହିତ ନିୟମିତ ପୂଜକ ବଳରାମ ରଥ ଓ ପ୍ରଭାତ ପଣ୍ଡା ପୂଜାନୀତି ସମ୍ପନ୍ନ କରିଥିଲେ। ଅନାମ ଚରଣ ନାୟକ ଓ ତାଙ୍କ ସ୍ତ୍ରୀ ନିବେଦିତା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନାଲକୋର ଅନୁଗୁଳ ଏସ୍ ଆଣ୍ଡ ପି ୟୁନିଟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନଙ୍କ ସମେତ ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର ବିଭିନ୍ନ ସମୂହ ମହାପ୍ରବନ୍ଧକ ଓ ଅଧିକାରୀ ପୂର୍ଣ୍ଣାହୁତି ସମୟରେ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ଆଲୋକ ଚୌଧୁରୀ, ଆଲୋକ ରଥ, ଯୋଗେନ୍ଦ୍ର ସେଠୀ, କୁମର ବସତିଆ, ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର ମଲ୍ଲ, ପାହାଡ଼ସିଂ, ବିକାଶ ମହାନ୍ତି,ସୁନୀଲ ଚୌଧୁରୀ,କୃତିବାସ ସାହୁ ଓ ମାଧବ ପଣ୍ଡା ପରିଚାଳନା କରିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ତାଲିମ କାର୍ଯ୍ୟକ୍ରମ

ଜୟପୁର,୩।୩ (ନି.ପ୍ର.)

ଜୟପୁର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସାମର୍ଥ୍ୟ ଅନ୍ତର୍ନିବେଶୀ ଶିକ୍ଷା ତଥା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଏକ ୩ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ଶିବିରରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ବ୍ଲକ ସାଧନ କର୍ମୀ ଶୁଭଶ୍ରୀ ପାତ୍ର ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଲିମ କାର୍ଯ୍ୟକୁ ସାଧନ କର୍ମୀ ଅଶୋକ ସ୍ୱାଇଁ, ଦେବାଶିଷ ପାଲ, ହରିହର ପଟ୍ଟନାୟକ ତ୍ୱରାନ୍ୱିତ କରିଥିଲେ। ତାଲିମ ଶିବିରରେ ବ୍ଲକର ୮୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଭାଗ ନେଇଥିଲେ। ଦୈନିକ ୪ଟି ସୋପାନରେ ଶ୍ରେଣୀ କାର୍ଯ୍ୟ ପରିଚାଳନା କରାଯାଇ ପରିବର୍ତ୍ତିତ ଜାତୀୟ ଶିକ୍ଷାନୀତି-୨୦୨୦, ଅନ୍ତର୍ନିବେଶୀ ଶିକ୍ଷା, ନିପୁଣ ଭାରତ କାର୍ଯ୍ୟକ୍ରମ , ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଜିଲ୍ଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧ୍ୟାପିକା ଉମାକାନ୍ତି ବାଇପାଇ ବିବରଣୀ ଦେଇଥିଲେ। ତାଲିମ ପାଇ ସାରିବା ପରେ କିଭଳି ଏହାର ସଫଳ ରୂପାୟନ କରାଯିବ ଓ ତୃଣମୂଳ ସ୍ତରରେ କିଭଳି ଏହା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିବ ସେନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଣ୍ଡା ଅବଗତ କରାଇଥିଲେ। ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ ଦଳଗତ ଆଲୋଚନା, ପର୍ଯ୍ୟାଲୋଚନା, ତର୍କବିତର୍କ ସହିତ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ପଞ୍ଚାୟତଗୁଡ଼ିକର ସୀମା ନିର୍ଦ୍ଧାରଣ ହେବ

ନନ୍ଦପୁର,୩।୩(ନି.ପ୍ର.)

ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ ଓ ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଯୋଗଦେଇ ବ୍ଲକର ସମସ୍ତ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରି ପଞ୍ଚାୟତ ଗୁଡିକର ସୀମାନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ହୋଇଥିଲା । ସମସ୍ତ ପ୍ରକାର ଭତ୍ତା ପୋଷ୍ଟ ଅଫିସ ମାଧ୍ୟମରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ। ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିପିଓ ବେଦାନ୍ତ ମାଝି ବୈଠକ ପରିଚାଳନା କରିଥିଲେ।

# ‘୪୦ ପ୍ରତିଶତ ନିଆଁ ଜଙ୍ଗଲ ବାହାରେ ଲାଗିଛି’

କୋରାପୁଟ, ୩।୩(ସ୍ୱ.ପ୍ର.)

**ବନାଗ୍ନି ଚିନ୍ତା**

କୋରାପୁଟଠାରେ ବନ ବିଭାଗ ଓ କୋଟସ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ଜଙ୍ଗଲ ନିଆଁ ଲିଭାଇବା ନେଇ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅବଦାଲ ଏମ୍. ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ବନ ବିଭାଗ କର୍ମଚାରୀଙ୍କ ସହ ସମ୍ପୃକ୍ତ ଅଞ୍ଚଳବାସୀ ସମନ୍ୱୟ ରଖି ଜଙ୍ଗଲରେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ଦରକାର ବୋଲି କହିଥିଲେ। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ବନାଞ୍ଚଳରେ ଏବେ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି ବୋଲି ଡିଏଫ୍‌ଓ ଅମିତା ରାଣୀ କହିଥିଲେ। ବର୍ତ୍ତମାନ ଜଙ୍ଗଲରେ ଲାଗୁଥିବା ନିଆଁ ମଧ୍ୟରୁ ୬୦ ପ୍ରତିଶତ ନିଆଁ ଜଙ୍ଗଲରେ ଲାଗୁଥିବାବେଳେ ୪୦ ପ୍ରତିଶତ ନିଆଁ ଜଙ୍ଗଲ ବାହାରେ ଲାଗୁଛି। ବନ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ରହିଛି। ୨୦୨୨ରେ ୧୦୫୪ ଫାୟାର ପଏଣ୍ଟ ରହିଥିଲା ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ସିଏଫ୍‌ଓ ରମେଶ ଚନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି, କୋଟସ୍‌ର ନିର୍ଦ୍ଦେଶକ ପି.ସି.ମହାପାତ୍ର, ଅତିରିକ୍ତ ଏସ୍‌ପି ଉତ୍କଳ କିଶୋର ଦାସ, ଜିଲ୍ଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାସଙ୍କ ସମେତ ବିଭାଗର ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁକୁ କିପରି ଆୟତ୍ତ ଓ ଲିଭାଯାଇପାରିବ ସେନେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା।

# ୧୨୧ ଡିଏଲ୍ ବାତିଲ: ୫ ଲକ୍ଷ ୫୨ହଜାର ଜରିମାନା ଆଦାୟ

**ଜିଲ୍ଲାରେ ଶୂନ୍ୟ ସହନଶୀଳତା ଦିବସ**

କୋରାପୁଟ, ୩/୩(ସ୍ୱ.ପ୍ର)



ପୋଲିସ ଅମାନିଆଙ୍କ ଚାଲାଣ କାଟୁଛି ।

କୋରାପୁଟ ଜିଲ୍ଲାରେ ଅନୁଷ୍ଠିତ ଶୂନ୍ୟ ସହନଶୀଳତା ଦିବସରେ ସମୁଦାୟ ୪୮୬ଟି ଚାଲାଣ କଟାଯାଇଛି। ୧୨୧ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ମୋଟ ୫ ଲକ୍ଷ ୫୨ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିବା କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର ଗୁରୁବାର ସୂଚନା ଦେଇଛନ୍ତି। ଟ୍ରାଫିକ ଆଇନକୁ କଡାକଡି ଭାବେ ପାଳନ କରିବା ସହ ଅମାନିଆ ଚାଳକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜିଲ୍ଲାବ୍ୟାପୀ ଏହି ଶୂନ୍ୟ ସହନଶୀଳତା ଦିବସ କାର୍ଯ୍ୟକ୍ରମ କରାଯାଉଛି। ସେହିପରି କୋରାପୁଟ ଟାଉନ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ସ୍ଥାନୀୟ ଡିଏନକେ ଛକ, ବାଟ ମଙ୍ଗଳା ଛକ ସମେତ ବିଭିନ୍ନ ସ୍ଥାନରେ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇ ଅମାନିଆ ଚାଳକମାନଙ୍କ ଧିରୋଧରେ ୩୪ଧଟି ଚାଲାଣ କଟାଯାଇ ୪୬ ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି। ୨ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହିପରି ଚଢାଉ ଜାରି ରହିବ ବୋଲି ଜିଲ୍ଲା ପୋଲିସ ପକ୍ଷରୁ କୁହାଯାଇଛି।

# ଲାଖଚାଷ, ଲାଖ ସାମଗ୍ରୀ ବିକ୍ରି ଲାଭବାନ୍ ହେବାକୁ ପରାମର୍ଶ

**ଚନ୍ଦାହାଣ୍ଡି, ୩।୩(ଡି.ଏନ୍.ଏ.)**

ନବରଙ୍ଗପୁର ସିଡିଓ ଅନ୍ୟା ଦାଶ ଚନ୍ଦାହାଣ୍ଡି ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହ ସେ ଲାଖ ଚାଷକରି ରୋଜଗାରକ୍ଷମ ହେବାକୁ ଏସ୍ଏଚ୍ଜି ମହିଳାଙ୍କୁ ପରାମର୍ଶ ଦେଇଥିଲେ।

ବ୍ଲକ ପରିସରର ଶିଶୁ ଉଦ୍ୟାନ, ଧୋଡ଼ିପାଣି ସପ୍ତାହିକ ହାଟ, ଖଲିଆବନ୍ଧର କାମ ବୁଲି ଦେଖିଥିଲେ। ଏଥିସହ ପାଟଖଲିଆ ପଞ୍ଚାୟତରେ ଲାଖ ପ୍ରୋସେସିଂ ଗୃହ ରେ ଲାଖଚାଷ ସମ୍ପର୍କରେ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଲାଖଚାଷ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ଲାଖଶିଳ୍ପରେ ତାଲିମ ନେବା ସହ ଲାଖରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରିକରି ଲାଭବାନ୍ ହେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଓର୍ମାସ ମାର୍କେଟିଂ ହେଡ୍ ଉମା ମହେଶ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଲାଖ ପ୍ରସ୍ତୁତ ସାମଗ୍ରୀ ଦେଖାଇବା ସହ ଏଥିରେ କେତେ ଲାଖ ଖର୍ଚ୍ଚ ହେଉଛି ଏବଂ ଲାଭ କେତେ ମିଳୁଛି ସେ ସମ୍ପର୍କରେ


କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍ଏଚ୍ଜି ମହିଳାମାନେ।

ବୁଝାଇଥିଲେ। ମିଶନ ଶକ୍ତିରୁ ହର୍ଷାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ଶିଳ୍ପ ବାବଦରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରି ଋଣ ଯୋଗାଇ ଦିଆଯିବ ବୋଲି ସେ ବୁଝାଇଥିଲେ। ଅନ୍ୟା ଦାଶ ଲାଖଚାଷୀଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରିଥିଲେ। ଉତ୍ପାଦିତ ଲାଖ ବିକ୍ରି ପାଇଁ କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ବାଧ୍ୟହୋଇ କମ୍ ଦରରେ ଛତିଶଗଡ଼ ବେପାରୀଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି ବୋଲି ଲାଖଚାଷୀ କହିଥିଲେ। ଏହି ସମସ୍ୟା ଯୋଗୁ ଚାଷୀମାନେ ଚାଷରୁ ମୁହଁ ଫେରାଉଛନ୍ତି ବୋଲି ସେମାନେ କହିଥିଲେ। ଏହାଛଡ଼ା ଆଇଟିଡିଏ ପକ୍ଷରୁ ସ୍ଥାପନ କରାଯାଇଥିବା ଲାଖ ପ୍ରୋସେସିଂ ମେଶିନ ସବୁ ଅଚଳ ହୋଇ ପଡ଼ିବା ସହ ଏଥିରେ କଳଙ୍କି ଲାଗିଯାଇଛି। ସେସବୁର ଶୀଘ୍ର ମରାମତି ପାଇଁ ପୂର୍ବତନ ସରପଞ୍ଚ ହର ପୂଜାରୀ ସିଡିଓଙ୍କୁ ଅନୁରୋଧ କରିଥିଲେ। ଉତ୍ପାଦିତ ଲାଖ ଓର୍ମାସ ପକ୍ଷରୁ କିଣାଯିବା ସହ ଲାଖ ପ୍ରୋସେସିଂ ମେଶିନକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ସିଡିଓ ପ୍ରତିଶ୍ରୁତି ଦେଇଥିଲେ। ବିରି, କାନ୍ଦୁଲ, ତେନ୍ତୁଳି ଏବଂ ମାଣ୍ଡିଆ ଚାଷ ଏବଂ ଏହାର ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଇ ଆଦିବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ବିଶେଷ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଏହା ପରେ ବ୍ଲକ ସଭାଗୃହରେ ଚାଷୀମାନଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଛତୁଚାଷ, ମାଛଚାଷ, ଛେଳି ପାଳନ, କୁକୁଡ଼ା ଫାର୍ମ କରି ଅଧିକ ଲାଭବାନ୍ ହେବାକୁ ସେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଡିଓ ଧର୍ମରାଜ ମାଝି, ସିଡିପିଓ ସୈରେନ୍ଦ୍ରୀ ମହାନନ୍ଦ, ପରିଦର୍ଶିକା ଦଲିଲା ଖୋସଲା, ସହକାରୀ ଯନ୍ତ୍ରୀ ଥୟ ପଟେଲ, କନିଷ୍ଠ ଯନ୍ତ୍ରୀ ଚନ୍ଦନ ଦଳାଇ, ଅଙ୍ଗନୱାଡି କର୍ମୀ ଏବଂ ପଞ୍ଚାୟତ ପିଇଓ, କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନବବିବାହିତା ନିଖୋଜ, ଥାନାରେ ଏତଲା

**ଚନ୍ଦାହାଣ୍ଡି, ୩।୩(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ବୋରିଗୁଡ଼ା ଗ୍ରାମରୁ ଜଣେ ନବ ବିବାହିତା ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ସ୍ୱାମୀ ଶେଖ ଫାରୁକ ଚନ୍ଦାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ନିଖୋଜ ମହିଳା ହେଲେ ସାଇରା ବାନୋ (୨୨)। ଫାରୁକଙ୍କ ଏତଲାକୁ ଭିତ୍ତିକରି ଚନ୍ଦାହାଣ୍ଡି ଥାନାରେ କେସ୍ ନଂ. ୬/୨୩ ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ଏଏସ୍ଆଇ ବସନ୍ତ କୁମାର ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି ବୋଲି ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ବୋରିଗୁଡ଼ା ଗ୍ରାମର ଶେଖ ଫାରୁକ ଡିସେମ୍ବରରେ ଛତିଶଗଡ଼ ଗରିୟାବନ୍ଦ ଜିଲା କୁସୁମଖୁଣ୍ଟା ଗ୍ରାମର ଅନବର ଖାନଙ୍କ ଝିଅ ସାଇରା ବାନୋଙ୍କୁ ବିବାହ କରିଥିଲେ। ଗତ ବୁଧବାର ରାତିରେ ଖାଇ ପିଇ ସମସ୍ତେ ଶୋଇଥିଲେ। କିନ୍ତୁ ସକାଳୁ ଉଠିବା ପରେ ଫାରୁକ ସ୍ତ୍ରୀ ସାଇରା ବାନୋଙ୍କୁ ଘରେ ପାଇ ନ ଥିଲେ। ସେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହ ସାଇରା ବାନୋଙ୍କ ବାପଘର, ତାଙ୍କ ସମ୍ପର୍କୀୟଙ୍କୁ ପଚାରିଥିଲେ। ସେଠାରୁ କୌଣସି ଖବର ନ ମିଳିବାରୁ ଫାରୁକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଗୁଡ଼ାରୀ, ୩।୩(ଡି.ଏନ୍.ଏ.)- ଗୁମୁଡ଼ାରେ ଜଣେ କଲେଜ ଛାତ୍ରୀଙ୍କୁ ଆକ୍ରମଣ କରି ଗିରଫ ହୋଇଥିବା ଅଭିଯୁକ୍ତ ଶ୍ରୀନୁ ଓରଫ କେ ତିରୁମାଲାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଶୁକ୍ରବାର ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶ୍ରୀନୁଙ୍କ ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଥିଲା। ଗିରିଫ ଶ୍ରୀନୁଙ୍କ ବିରୋଧରେ ଗୁଡ଼ାରି ଥାନାରେ କେଶ ନମ୍ବର ୧୭/୨୩ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଦୀନବନ୍ଧୁ ଶବର ସୂଚନା ଦେଇଛନ୍ତି। ଗୁମୁଡା ଫାଣ୍ଡି ଅଧିକାରୀ ବସନ୍ତ କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି।

### ଲୋକ ସେବା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୩।୩ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଲୋକ ସେବା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଦିବସ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ସହକାରୀ ନିବାହୀ ଯନ୍ତ୍ରୀ ମାନସ ନେଟୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, କନିଷ୍ଠ ଯନ୍ତ୍ରୀ ଆନନ୍ଦ ମଣ୍ଡଳ, ପ୍ରଶାନ୍ତ ଚୌଧୁରୀ ଓ ବ୍ରହ୍ମଦତ୍ତ ସାହୁ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କିଷାନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ସେକସନ ଅଧିକାରୀ ରାମାକାନ୍ତ ମଲ୍ଲିକ, ବିଆର୍ସି ମାନସ ମୁଖାର୍ଜୀ, ବିପିସି ଯୋଗେନ୍ଦ୍ର ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳୀପଦ କୀର୍ତ୍ତନିଆ, ପ୍ରଭାକର ମୁଦୁଲି, ପରଶୁରାମ ମାଳୀ ଓ ହଳଧର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ରାୟଗଡ଼ା ଅଫିସ, ୩।୩- ରାୟଗଡ଼ା କସ୍ତୁରୀ ନଗରସ୍ଥିତ ଦଶମ ଗଳିରେ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରାୟଗଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖରୁ ଏହି ଉତ୍ସବ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାରକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥ ଶର୍ମା ଏବଂ ତାଙ୍କ ସହଯୋଗୀ ମନ୍ଦିର ପ୍ରତିଷ୍ଠା କରି ପୁରାତନ ଅସ୍ଥାୟୀ ମନ୍ଦିରରୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ସ୍ଥାନାନ୍ତର କରିଥିଲେ। ମନ୍ଦିର ପରିସରରେ ଗଣେଶ, ପତିତପାବନ, ହନୁମାନଙ୍କ ସହ ପାର୍ଶ୍ୱଦେବତାଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ବର୍ଷ ଧରି ଶ୍ରୀ ଦଧିବାମନ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଥିଲେ। ଉପଦେଷ୍ଟା ଆନନ୍ଦ ପାଢ଼ୀ କର୍ତ୍ତା, ସଭାପତି ଜଗଦୀଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଅଶୋକ ପାଢ଼ୀ, ମଙ୍ଗୁଲୁଚରଣ ତ୍ରିପାଠୀ, ଅମୂଲ୍ୟ ଆଚାର୍ଯ୍ୟ, ସୁବ୍ରତ ପତି, ତ୍ରିପତି ପଣ୍ଡା, ଦେବୀ ମିଶ୍ର, ଗଙ୍ଗାଧର ରଥ, ନୀଳାଚଳ ମିଶ୍ର, ଲୁଲୁ ପାଢ଼ୀଙ୍କ ସମେତ ସମସ୍ତ ମନ୍ଦିର ଟ୍ରଷ୍ଟ ସଭ୍ୟ ଓ ଜନସାଧାରଣଙ୍କ ଉଦ୍ୟମରେ ଏହା ପରିଚାଳିତ ହୋଇଥିଲା।

### ଉତ୍ତରପ୍ରଦେଶର ୨ ଗଞ୍ଜେଇ ବେପାରୀ ଗିରଫ

#### ଓଡ଼ିଶାରୁ ଗଞ୍ଜେଇ ନେଇ ଯିବାବେଳେ ଧରିଲା ପୋଲିସ

ପଦ୍ମପୁର, ୩।୩(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ଗୁଲାମ ଖାନ(୨୫)ଓ ରାଜ ବାହାଦୁର(୨୪)। ସୂଚନା ଅନୁଯାୟୀ ଗୁରୁବାର ରାତିରେ ପଦ୍ମପୁର ପୋଲିସ ଗଞ୍ଜେଇ ଚାଲାଣ ଖବରପାଇ ପଦ୍ମପୁର ବ୍ଲକ



ଇନ୍ଦୁପୁର ପଞ୍ଚାୟତ ଖିଲାମୁଣ୍ଡା ବ୍ରିଜ୍ ନିକଟରେ ରାଉତରଙ୍ଗାରୁ ଉତ୍ତରପ୍ରଦେଶ ଯାଉଥିବା ଏକ କାର୍ ଉପରେ ଚଢ଼ାଉ କରିଥିଲା। ପଦ୍ମପୁର ପୋଲିସ ୩୦ କେଜି ଗଞ୍ଜେଇ ଜବତକରି ଅଭିଯୁକ୍ତ ଗୁଲାମ ଓ ରାଜଙ୍କୁ ଗିରଫ କରିଛି। ପୋଲିସ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ ସହ ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ, ନଗଦ ୩୨୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ପଦ୍ମପୁର ଥାନାରେ କେସ୍ ନମ୍ବର ୪୫/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପଦ୍ମପୁର ଥାନାଧିକାରୀ ରାଜେଶ ବଲିୟାରସିଂ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ପଦ୍ମପୁର ଥାନାରେ ଗତ ସପ୍ତାହକ ମଧ୍ୟରେ ୪ ଟି ବେଆଇନ ଗଞ୍ଜେଇ କେସ୍ ରୁଜୁ କରାଯାଇଥିବା ବେଳେ ୧୨୭ କେଜି ଗଞ୍ଜେଇ ସହ ଗୋଟିଏ କାର୍, ୩ ବାଇକ୍ ଆଉ ୭ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

# ପାଣି ପାଇଁ ଅଧ କି.ମି. ଯାଉଛନ୍ତି ଛାତ୍ରୀଛାତ୍ର

**ଉମରକୋଟ, ୩।୩(ସ୍ୱ.ପ୍ର.)**

### ସ୍କୁଲରେ ନାହିଁ ନଳକୂପ

ସ୍କୁଲରେ ନାହିଁ ନଳକୂପ। ପିଇବା ପାଣି ପାଇଁ ପିଲାମାନେ ଅଧ କିଲୋମିଟର ଚାଲି ଚାଲି ଯାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ରାମପାରା ଗ୍ରାମର ସରକାରୀ ନୂତନ ପ୍ରାଥମିକ ବିଦ୍ୟାଳୟରେ।

ସୂଚନାନୁଯାୟୀ ୨୦୧୪ରେ ବିଦ୍ୟାଳୟ ଖୋଲାଯାଇଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପଢ଼ନ୍ତି। ମଧ୍ୟାହ୍ନଭୋଜନ ରୋଷେଇ, ପାନୀୟ ଜଳ ଓ ପିଲାଙ୍କ ଶୌଚହେବାକୁ ପାଣିର ଅସୁବିଧା ରହୁଛି। ତେଣୁ ପାଣି ପାଇଁ ପିଲାମାନେ ପ୍ରାୟ ଅଧ କିଲୋମିଟର ଚାଲି ଚାଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ତୁରନ୍ତ ନଳକୂପ ଖୋଳାଯାଉ ବୋଲି ସେମାନେ ଦାବି କରିଛନ୍ତି। ବର୍ତ୍ତମାନ ଧୀରେ ଧୀରେ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଲାଣି। ଆଗାମୀ ଦିନରେ ପିଲାମାନେ ପାଣି ପାଇଁ ଗ୍ରାମ ଭିତରକୁ ଯାଇଥିବା ସମୟରେ କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ନଳକୂପ ପାଇଁ ଅନେକ ଥର ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଛି। କିନ୍ତୁ ଫଳପ୍ରଦ ହୋଇ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଉମରକୋଟ ବିଡିଓ ହିମାଞ୍ଚଳ ମାଝିଙ୍କୁ ପଚାରିବାରୁ ଶନିବାର କନିଷ୍ଠ ଯନ୍ତ୍ରୀଙ୍କୁ ଉକ୍ତ ସ୍ଥାନକୁ ପଠାଇ ଘଟଣାର ତଦନ୍ତ କରାଯିବା ସହ ଶୀଘ୍ର ସେଠାରେ ନଳକୂପ ଖୋଳାଇବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ସ୍କୁଲଠାରୁ ଅଧକି.ମି. ଦୂରରେ ଥିବା ଷ୍ଟାଣ୍ଡପୋଷ୍ଟ ନିକଟରେ ପିଲାମାନେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଚନ୍ଦାହାଣ୍ଡି, ୩।୩(ଡି.ଏନ୍.ଏ.)**

ଚନ୍ଦାହାଣ୍ଡିଥାନା ଅଧୀନ ପୂଜାରୀଗୁଡା ଗ୍ରାମର ହଳଧର ଭୋଇଙ୍କ ସ୍ତ୍ରୀ ପୁନେ (୪୦) ଆତ୍ମହତ୍ୟା କରିଥିବା ନେଇ ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏ ନେଇ ଚନ୍ଦାହାଣ୍ଡି ଥାନାରେ କେସ ନଂ ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏଏସ୍ଆଇ ବସନ୍ତ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ପୁନେ କିଛି ଦିନ ହେବ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଘରୁ ଗୁରୁବାର ସେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଘରକୁ ନ ଫେରିବାରୁ ହଳଧର ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଶୁକ୍ରବାର ସକାଳେ ଗାଁଠାରୁ ୨ କି.ମି. ଦୂର ଖଲିଆ ବନ୍ଧ ପାଖ ବିଲରେ ଥିବା କେନ୍ଦୁ ଗଛରେ ପୁନେଙ୍କ ଝୁଲନ୍ତା ମୃତଦେହ ଦେଖି ଲୋକେ ହଳଧରଙ୍କୁ ଖବର ଦେଇଥିଲେ। ହଳଧର ଚନ୍ଦାହାଣ୍ଡି ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ପ୍ରାର୍ଥୀପତ୍ର ଦାଖଲ କଲେ ପ୍ରଦୀପ



**ଗୁଣପୁର,୩।୩(ଡି.ଏନ୍.ଏ.)**

### ରାଜ୍ୟ ବାର୍ କାଉନସିଲର ନିର୍ବାଚନ

ରାଜ୍ୟ ବାର କାଉନସିଲର ସଦସ୍ୟ ନିମନ୍ତେ ପ୍ରଦୀପ ଦାସ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଟକସ୍ଥିତ ରାଜ୍ୟ ବାର କାଉନସିଲ ହଲରେ ସଚିବ ତଥା ନିର୍ବାଚନ ଅଧିକାରୀ ଜେ.କେ.ସାମନ୍ତ ସିଂହାରଙ୍କ ନିକଟରେ ପ୍ରଦୀପ ନିଜ ସମର୍ଥକଙ୍କ ଗହଣରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଗୁଣପୁର ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଉମାଚରଣ ପଟ୍ଟନାୟକ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ସୁରଜ ପାତ୍ର, ରାୟଗଡାରୁ ମାନସ ରଞ୍ଜନ ରଥ, ୱାଇ.ଶ୍ରିନିବାସ, ରଜତ ରଞ୍ଜନ ଖଟୁଆ, ପ୍ରଳୟ ବାଡତିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ କଟକ ଏବଂ ଭୁବନେଶ୍ୱରର କେତେଜଣ ଆଇନଜୀବୀ ମଧ୍ୟ ଏହି ସମୟରେ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲାର ଜଣାଶୁଣା ଆଇନଜୀବୀ ପ୍ରଦିପ ଦାସ ଜଣେ ମାତ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ତାଙ୍କୁ ଗୁଣପୁର,ବିଷମକଟକ ଏବଂ ରାୟଗଡା ଓକିଲ ସଂଘର ସଦସ୍ୟମାନେ ସମର୍ଥନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରାହ୍ମଣ ସମାଜର ଦାବିପତ୍ର

**ନବରଙ୍ଗପୁର, ୩।୩(ବି.ପ୍ର.)**

ନବରଙ୍ଗପୁର ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ସମ୍ପର୍କରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଓଡ଼ିଶାରେ ପ୍ରାୟ ୩୮ଲକ୍ଷ ବ୍ରାହ୍ମଣ ଅଛନ୍ତି। ପ୍ରାଚୀନ କାଳରୁ ଏମାନେ ପରମ୍ପରା କ୍ରମେ ବୁଦ୍ଧିଜୀବୀ ଓ ସବୁବେଳେ ‘ ସର୍ବେ ଭବନ୍ତୁ ସୁଖୀନଃ’ ନୀତିରେ ଜନସମାଜକୁ ଉପଯୁକ୍ତ ରାସ୍ତାରେ ପଥ ପ୍ରଦର୍ଶନ କରି ଆସୁଛନ୍ତି। ମଧ୍ୟବିତ୍ତ ପରିବାରର ଜଣେ ବ୍ରାହ୍ମଣ ପିଲା ଅପେକ୍ଷାକୃତ ମେଧାସମ୍ପନ୍ନ ହେଲେ ମଧ୍ୟ ସର୍ବକ୍ଷେତ୍ରରେ ଅବହେଳିତ ହୋଇ ରହିଛି ଏବଂ ବ୍ରାହ୍ମଣ ବର୍ଗର ଅଧିକାଂଶ ଏବେ ବି ଅସହାୟ, ଅବହେଳିତ ଭାବେ ଜୀବନ ଅତିବାହିତ କରୁଛନ୍ତି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ, ପଞ୍ଜାବରେ ବ୍ରାହ୍ମଣ କଲ୍ୟାଣ ନିଗମ ଦ୍ୱାରା ସରକାର ବ୍ରାହ୍ମଣ କଲ୍ୟାଣ ଦିଗରେ କାର୍ଯ୍ୟ କରିଛନ୍ତି। ଅନ୍ୟ କେତେକ ରାଜ୍ୟରେ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ସରକାରଙ୍କ ବିଚାରାଧୀନ ରହିଛି। ବହୁ ବର୍ଷର ଦାବି ସତ୍ତ୍ୱେ ଓଡ଼ିଶାରେ ଏପରି ନିଗମଟିଏ ଏ ପର୍ଯ୍ୟନ୍ତ ହୋଇପାରିନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶାରେ ମଧ୍ୟ ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ କରି ଅବହେଳିତ, ଦୁର୍ବଳ ଶ୍ରେଣୀର ବ୍ରାହ୍ମଣମାନଙ୍କୁ ଅନ୍ୟ ରାଜ୍ୟଗୁଡ଼ିକର ବ୍ରାହ୍ମଣମାନଙ୍କୁ ମିଳୁଥିବା ସୁବିଧାମାନ ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନବରଙ୍ଗପୁର ଜିଲା ବ୍ରାହ୍ମଣ ସମାଜ ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ସଂଗଠନ ସମ୍ପାଦକ ଗଣେଶ ଦାସ, ସମ୍ପାଦକ ମୃତ୍ୟୁଞ୍ଜୟ ଦାସ, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମିଶ୍ର ଓ ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଝରିଗାଁରେ କଂଗ୍ରେସର ‘ହାତରେ ହାତ ଯୋଡ଼’ କାର୍ଯ୍ୟକ୍ରମ

**ଝରିଗାଁ,୩।୩(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ହାତରେ ହାତ ଯୋଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝରିଗାଁ ହନୁମାନ ମନ୍ଦିର ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚି ଥିଲା। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ଜାମୁ କାଶ୍ମୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତାରିକ ହାମିଦ କାରା ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ସରକାର ସମୟରେ ଗରିବଙ୍କୁ ସମ୍ମାନ ଓ ସେମାନଙ୍କୁ ହକ୍ ମିଳୁଥିଲା



କିନ୍ତୁ ଏବେ ସାଧାରଣ ଲୋକଙ୍କୁ ଅହେତୁକ ଦରଦାମ ବୃଦ୍ଧି ସାଙ୍ଗକୁ ଯୁବଗୋଷ୍ଠୀଙ୍କୁ ବେରଜଗାରୀ ହନ୍ତସନ୍ତ କରୁଛି। ତେଣୁ ସମସ୍ତେ ଏହାର ବିରୋଧ କରିବାର ଉଚିତ ସମୟ ଆସିଯାଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭୁଜବଳ ମାଝି, ଏଆଇସିସି ମେମ୍ବର ମନିସା ତ୍ରିପାଠୀ, ସନରାଜ ଗଣ୍ଡ, ହାରାବତୀ ଗଣ୍ଡ, ଦୀପିଲ ବେହେରା, ଉଲଧର ମାଝି,ଅବଦୁଲ ଫିରଜ, ବ୍ଲକ କଂଗ୍ରେସ ସଭାପତି ତମୁଦାସ ପନକା, ଝରିଗାଁ ସରପଞ୍ଚ ଯୋଗେଶ୍ୱର ପୂଜାରୀ, ସମିତି ସଭ୍ୟା ଗୋମତି ସନ୍ତା, କାଳି ପ୍ରସାଦ ଦାସଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଥାନାରେ ପ୍ରେମୀ ଯୁଗଳଙ୍କ ବିବାହ

**ଚନ୍ଦାହାଣ୍ଡି, ୩।୩(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନାରେ ପୋଲିସର ହସ୍ତକ୍ଷେପ ପରେ ପ୍ରେମୀ ଯୁଗଳଙ୍କ ବିବାହ କରାଯାଇଛି। ଏହି ସମୟରେ ଉଭୟ ଝିଅ ଓ ପୁଅଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। କୋଇଲିମୁଣ୍ଡା ପଞ୍ଚାୟତ ଅଧୀନ ଝୁଲେନବର ଗ୍ରାମର ଦଶରଥ ବାଘଙ୍କ ପୁଅ ଟଙ୍କଧର (୨୩) ଏବଂ ସେହି ଗ୍ରାମର ସୋରୀ ମାଝିଙ୍କ ଝିଅ ଦୀପା (୨୨)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଉଭୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ସାମାଜିକ ସ୍ୱୀକୃତ ମିଳି ନ ଥିଲା। କିଛିଦିନ ତଳେ ଉଭୟ ଘରୁ ପଳାଇଥିଲେ। ଶୁକ୍ରବାର ଗ୍ରାମର ୱାର୍ଡସଭ୍ୟା ବିମଳା ମାଝି ବର ଓ କନ୍ୟା ପିତାଙ୍କୁ ଧରି ଥାନାକୁ ଯାଇଥିଲେ। ପ୍ରେମୀ ଯୁଗଳ ସାବାଳକ ହୋଇଥିବାରୁ ପୋଲିସ ସେମାନଙ୍କୁ ଚନ୍ଦାହାଣ୍ଡି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ବିବାହ ନିମନ୍ତେ ଆଫିଡେଫିଟ କରିବାକୁ କହି ଉଭୟ ପରିବାରକୁ ବୁଝାଶୁଝା କରିଥିଲା। ପୋଲିସ ହସ୍ତକ୍ଷେପ ପରେ ପରିବାର ଲୋକେ ରାଜି ହୋଇଥିଲେ। ଉଭୟ ପରିବାର ଲୋକ, ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଚନ୍ଦାହାଣ୍ଡି ଥାନାରେ ବିବାହ କରାଯାଇଥିଲା। ଏହି ଅବସରରେ ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଏଏସ୍ଆଇ ବସନ୍ତ ସ୍ୱାଇଁ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।


ପୋଲିସ, ପରିବାର ସଦସ୍ୟଙ୍କ ସହ ଟଙ୍କଧର ଓ ଦୀପା ।

# ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟକୁ ପରିବେଶ ପ୍ରଦୂଷଣ

**ରାୟଗଡ଼ା,୩।୩(ସ୍ୱ.ପ୍ର.)**

- ପ୍ରଶାସନ ଆଢ଼ୁଆଳରେ ଚାଲିଛି ବେଆଇନ ପଥର ଖନନ
- କୋଟି କୋଟି ଟଙ୍କାର ରାଜସ୍ୱ ହାନି

ରାୟଗଡ଼ା ଜିଲାରେ ବଢ଼ି ଚାଲିଛି ବ୍ୟାପକ ବେଆଇନ କାରବାର। ବିଶେଷ ଭାବେ ପଥର, ମୋରମ ଓ ବାଲି ଚୋରା ଚାଲାଣ ସାଧାରଣ ଘଟଣା ହୋଇଗଲାଣି। ଜିଲାର ପ୍ରତ୍ୟେକ ତହସିଲ ଅଞ୍ଚଳରେ ଏହି କାରବାର ବଢ଼ି ଚାଲିଛି। ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ ଫାଙ୍କି ଏହି ଚୋରା କାରବାର କରୁଛନ୍ତି ବ୍ୟବସାୟୀ। ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ବ୍ୟକ୍ତିଗତ ସ୍ୱାର୍ଥ ଏହାର ମୁଖ୍ୟ କାରଣ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହିଭଳି ଏକ ବେଆଇନ କାମ ଦେଖିବାକୁ ମିଳିଛି ରାୟଗଡ଼ା ସଦର ମହକୁମାରୁ ମାତ୍ର ୨କି.ମି. ଦୂରରେ। ସେଠାରେ ଏକ ବେଆଇନ ପଥର ଖାଦାନ ରହିଛି। ବିନା ଅନୁମତିରେ ଜଣେ ଅଣ ଓଡ଼ିଆ ବ୍ୟକ୍ତି ଏହି ଖାଦାନରୁ ପଥର ଲୁଟି ନେଉଛନ୍ତି। ପ୍ରତିଦିନ ହଜାର ହଜାର ସିଏମ୍ ପଥର ଖନନ ହୋଇ ଚାଲାଣ ହେଉଛି। ଏହି ବେଆଇନ ପଥର ଖନନ ଦ୍ୱାରା ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ସାଙ୍ଗକୁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି।

ସୂଚନା ଅନୁଯାୟୀ, ରାୟଗଡ଼ା ତହସିଲ ଅଧୀନ ଧୁମାଗୁଡ଼ା ମୌଜାର ଖାତା ନମ୍ବର ୨୭ର ପ୍ଲଟ୍ ନମ୍ବର ୧୭୧ରେ ଏହି ବେଆଇନ ପଥର ଖନନ ଚାଲିଛି। ସରକାରୀ ରେକର୍ଡ ଅନୁଯାୟୀ ଏହି ପ୍ଲଟ୍ ପ୍ରାୟ ୧୨ ଏକର ପରିମିତ ଏବଂ ପାହାଡ଼ କିସମ ବୋଲି ଉଲ୍ଲେଖ ରହିଛି। ତେବେ ଏହି ବିରାଟ କାୟ ପାହାଡ଼କୁ ୨୦୨୧ରୁ ଜଣେ ଅଣ ଓଡ଼ିଆ ବ୍ୟକ୍ତି ବେଆଇନ ଭାବେ ଖନନକରି ଚାଲିଛନ୍ତି। ପ୍ରାୟ ୩ ଏକର ଅଞ୍ଚଳରୁ ପଥର ଖନନ କରାଗଲାଣି। ଏଠାରେ ରହିଥିବା ମୂଲ୍ୟବାନ୍ କଳାପଥର ପାଇଁ ପ୍ରତି ୨ରୁ ୩ ଦିନରେ ଜିଲୋଟିନ ବ୍ୟବହାର କରି ବେଆଇନ ବ୍ଲାଷ୍ଟିଂ କରାଯାଇ ପଥର ଖନନ କରି ଚାଲାଣ କରାଯାଉଛି। ଏହି ପଥର ଖନନ କରାଯାଇ ବେଆଇନ ଭାବେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଏହି ପ୍ଲଟ୍‌ରେ ପଥର ଖନନ ପାଇଁ ତହସିଲ ପକ୍ଷରୁ କୌଣସି ଲିଜ୍ ପ୍ରଦାନ କରାଯାଇନାହିଁ କି କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଏଭଳିକି ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ଗ୍ରାମସଭା ମଧ୍ୟ ହୋଇ ନ ଥିବା ଜଣାପଡ଼ିଛି। ତେବେ ଜିଲାପାଳ କାର୍ଯ୍ୟାଳୟ ଓ ପୋଲିସ କାର୍ଯ୍ୟାଳୟରୁ ମାତ୍ର ୨କି.ମି. ଦୂରରେ ଅବସ୍ଥିତ ଏହି ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ କରାଯାଉଥିବା ବେଳେ ଅଧିକାରୀଙ୍କ ନଜର ପଡୁ ନ ଥିବା ଆଶ୍ଚର୍ଯ୍ୟଜନକ। ବର୍ତ୍ତମାନ ସୁଦ୍ଧା ୩ହଜାର ସିଏମ୍ ପଥର ଧୁମାଗୁଡ଼ା ଗାଁ ନିକଟ ପାହାଡ଼ରୁ ଖନନ କରି ଚାଲାଣ ହୋଇଥିବା ଜଣେ ରାଜସ୍ୱ କର୍ମଚାରୀ ସୂଚନା ଦେଇଛନ୍ତି। ଉକ୍ତ ବ୍ଲାଷ୍ଟିଂ ଏବଂ ପଥର ଖନନ ଦ୍ୱାରା ନିକଟସ୍ଥ ଗ୍ରାମ ପ୍ରତି ବିପଦ ରହିବା ସହ ପରିବେଶ ପ୍ରଦୂଷିତ ହେଉଛି। ଉକ୍ତ ପାହାଡ଼ ନିକଟରେ ରହିଥିବା ବହୁ ପୁରୁଣା ଗଛ



ସବୁ ନଷ୍ଟ ହେବାକୁ ଲାଗିଲାଣି। ଶୁକ୍ରବାର ମଧ୍ୟ ସେଠାରେ ମେଶିନ ସାହାଯ୍ୟରେ ପଥର ଖନନ ହେବା ସହ ବହୁ ପୁରୁଣା ବଡ଼ ବଡ଼ ବୃକ୍ଷକୁ ମେଶିନ ସାହାଯ୍ୟରେ କାଟିଦିଆଯାଇଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନିକ ଅଧିକାରୀ କାହିଁକି କୌଣସି ଆଇନଗତ ପଦକ୍ଷେପ ନେଉନାହାନ୍ତି ତାହା ସନ୍ଦେହ ଘେରରେ। ଖଜୁରିଗଛ ମୂଳରୁ ପାହାଚ ପାହାଚ ଭଳି ତହସିଲ କାର୍ଯ୍ୟାଳୟର ଉପରଠୁ ତଳ ସମସ୍ତ ଅଧିକାରୀ ଦୁର୍ନୀତିଗ୍ରସ୍ତ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ସାଧନରେ ବ୍ୟସ୍ତ ବୋଲି ସାମାଜିକ କର୍ମୀମାନେ କହିଛନ୍ତି। ତେବେ ଏନେଇ ତହସିଲଦାର ତାପସ ରାଉତଙ୍କୁ ପଚାରିବାରୁ ପଥର ଖନନ ଖବରପାଇ ସେଠାକୁ ଯାଇଥିଲେ ବୋଲି କହିଛନ୍ତି। ଏନେଇ ପୋଲିସରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

